# ନିର୍ବାଚନ ଖର୍ଚ୍ଚ ପରିଚାଳାନ ସମ୍ପର୍କରେ ସମୀକ୍ଷା କଲେ ପର୍ଯ୍ୟବେକ୍ଷକ ।

## Review meeting by Election Expenditure observer.

ଅନୁଗୋଳ,ତା.୨୯.୩:- ଭାରତ ନିର୍ବାଚନ କମିଶନ ଦ୍ଵାରା ଅନୁଗୋଳ ଜିଲ୍ଲା ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଗୁଜରାଟ ଅହମ୍ମଦାବାଦର ଆୟକର ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିଦ୍ୟୁତ୍ ତ୍ରୀବେଦୀ ଗତ ୨ ଦିନ ହେବ ଆଠମଲ୍ଲିକ ଓ ଛେଣ୍ଡିପଦା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ପରିଦର୍ଶନ କରି ନିର୍ବାଚନ ଖର୍ଚ୍ଚ ପରିଚାଳନା ନିମନ୍ତେ ନିୟୋଜିତ ବିଭିନ୍ନ ଦଳ ସହିତ ଆଲୋଚନା କରିଛନ୍ତି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭା ଗୃହ ଠାରେ ଆଜି ପୂର୍ବାହ୍ନରେ ଆୟୋଜିତ ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ଯୋଗ ଦେଇ ଫ୍ଲାଇଙ୍ଗ୍ ସ୍କ୍ଵାଡ,ଷ୍ଟାଟିକ୍ ସର୍ଭେଲାନସ୍ ଟିମ୍ ଓ ଭିଡିଓ ଭ୍ୟୁଇଙ୍ଗ୍ ଟିମ୍‌ରେ ନିୟୋଜିତ ଅଧିକାରୀ ଓ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ନିର୍ବାଚନ ଖର୍ଚ୍ଚର ସଠିକ୍ ହିସାବ ଓ ଏହାର ସଠିକ୍ ପରିଚାଳନା ନିମନ୍ତେ ବିଭିନ୍ନ ଦଳ ମଧ୍ୟରେ ସୂଚନା ଆଦାନ ପ୍ରଦାନ ଉପରେ ପର୍ଯ୍ୟବେକ୍ଷକ ଗୁରୁତ୍ଵାରୋପ କରିଥିଲେ । ନିର୍ବାଚନକୁ ମୁକ୍ତ ଓ ଅବାଧ ଭାବେ ପରିଚାଳନା ନିମନ୍ତେ ସମସ୍ତେ ନିଜର ଦାୟିତ୍ଵ ଓ କ୍ଷମତା ସମ୍ପର୍କରେ ଅବଗତ ହେବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ସମେତ ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ ବିଭିନ୍ନ ଦଳର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ପରେ ପର୍ଯ୍ୟବେକ୍ଷକ ଡି ଆର ଡି ଏରେ ଚାଲୁଥିବା Election Expenditure Monitoring Cell (EEMC)/Complaint Monitoring Control Room ଓ ଅନୁଗୋଳ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣି ଅଫିସର ଶ୍ରୀ ବାସୁଦେବ ଶତପଥିଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚାଲୁଥିବା ପ୍ରାର୍ଥୀ ପତ୍ର ଦାଖଲ କାର୍ଯ୍ୟକୁ ପରିଦର୍ଶନ କରିଥିଲେ । ଅନୁଗୋଳ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ସହ ପର୍ଯ୍ୟବେକ୍ଷକ ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ନିର୍ବାଚନ ବିଭାଗ ଦ୍ଵାରା କରାଯାଇଥିବା ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।






DISTRICT RURAL DEVELOPMENT AGENCY
ANGUL